# କୋରାପୁଟିଆ ବାଜା ସହ ଢେମସା ନୃତ୍ୟରେ ଦୁଲୁକିଲା ମଞ୍ଚ





ପଟ୍ଟାଙ୍ଗି,୧୬।୧୨(ସମିସ):

ଓଡ଼ିଶାର ଉଚ୍ଚତମ ଶୃଙ୍ଗ ଦେଓମାଳିର ନବଚୁମ୍ବି ପର୍ବତ ଶିଖରରେ ଜନତାଙ୍କୁ ମନ୍ତ୍ରମୁଗ୍ଧକଲା ଦ୍ୱିତୀୟ ବର୍ଷର ଜିଲ୍ଲା ସ୍ତରୀୟ ଦେଓମାଳି ଉତ୍ସବ। ଢେମ୍‌ସା ନୃତ୍ୟ ଦେଖି ମନ୍ତ୍ରମୁଗ୍ଧ ହୋଇ ତାଙ୍କ ତାଳେ ତାଳେ ନୃତ୍ୟରେ ସାମିଲ ହେଲେ ସମସ୍ତ ଜନ ପ୍ରତିନିଧି ଓ ସରକାରୀ କର୍ମଚାରୀ। କୋରାପୁଟ ଜିଲ୍ଲା ଅନ୍ତର୍ଗତ ପଟ୍ଟାଙ୍ଗି ବ୍ଲକର କୋଟିଆ ପଞ୍ଚାୟତ ସ୍ଥିତ ଓଡ଼ିଶାର ଉଚ୍ଚତମ ଶୃଙ୍ଗ ଦେଓମାଳି ପର୍ବତ ଶିଖରରେ ଆଜି ଜିଲ୍ଲାସ୍ତରୀୟ ଦେଓମାଳି ଉତ୍ସବ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମଞ୍ଚରେ ପଟ୍ଟାଙ୍ଗି ଜିଲ୍ଲାପରିଷଦ ସଭ୍ୟା-୧ ଟିକାଇ ଗେମେଲ୍ ସଭାପତିତ୍ୱ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷା ଜିଲ୍ଲାପରିଷଦ କୋରାପୁଟ ସୁଶ୍ରୀ ସସ୍ମିତା ମେଲକା ଯୋଗଦାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ କୋରାପୁଟ ମନୋଜ ସତ୍ୟବାନ ମହାଜନ ଯୋଗଦାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ କୋରାପୁଟ ତପନ କୁମାର ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ କୋରାପୁଟ ବେଣୁଧର ଶବର,ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ, ପୂର୍ବତନ ବିଧାୟକ ପଟ୍ଟାଙ୍ଗି ପ୍ରଫୁଲ୍ଲ କୁମାର ପାଙ୍ଗୀ, ପଟ୍ଟାଙ୍ଗି ପୂର୍ବତନ ବିଧାୟକ ପିତମ ପାଢ଼ୀ, ପୂର୍ବତନ ସାଂସଦ ଝିନ ହିକକା, ଜିଲ୍ଲାପରିଷଦ ସଭ୍ୟ-୨ ପଟ୍ଟାଙ୍ଗି ଲଇଛନ ଖରା, ଆଇଏଏସ ପ୍ରୋଭିଜନ ସନ୍ତୋଷ ପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜଗତ ଜ୍ୟୋତି ପାଙ୍ଗି, ସେମିଳିଗୁଡା ବ୍ଲକ ଅଧ୍ୟକ୍ଷା ଲିଲି ଅଣ୍ଟା ବିରିଆ, ବିଜେପି ଦଳର ପଟ୍ଟାଙ୍ଗି ବିଧାୟକ ପ୍ରତିନିଧି ଚୈତନ୍ୟ ନାନ୍ଦିବାଲି, ଜିଲ୍ଲାପରିଷଦ ସଭ୍ୟ ମୋହନ ଜାନି, ସେମିଳିଗୁଡା ବ୍ଲକ ଉପାଧ୍ୟକ୍ଷ ଶିବା ବାଙ୍ଗାରି, ବିଜେପି ଦଳର ଜିଲ୍ଲା ସଭାପତି ଶିବ ମୁଦୁଲି, ଦେଓପଟ୍ଟାଙ୍ଗି ସରପଞ୍ଚ ନରେନ୍ଦ୍ର ବଡନାୟକ, ପେଟୁର ସରପଞ୍ଚ ନମିତା ବାଙ୍କା, ଗାଙ୍ଗରାଜପୁର ସମିତି ସଭ୍ୟା ବିମଳା ପାଙ୍ଗି, କୋଟିଆ ସମିତି ସଭ୍ୟା ଅମ୍ବିକା ପାଙ୍ଗି ପ୍ରମୁଖ ଯୋଗଦାନ ଦେଇଥିଲେ। ଅତିଥି ବୃନ୍ଦଙ୍କୁ କୋରାପୁଟିଆ ଢେମସା ଏବଂ ବାଦ୍ୟ ତାଳେ ତାଳେ ସ୍ୱାଗତ କରାଯାଇଥିଲା। ଅତିଥିବୃନ୍ଦ ମଞ୍ଚ ନିକଟରେ ପହଞ୍ଚି ଶ୍ରୀ ଜିଉ ମାନଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରିବା

## ଦେଓମାଳି ଉତ୍ସବରେ ନାଚିଲେ ନେତା ଓ ସରକାରୀ କର୍ମଚାରୀ

ସହ ପୂଜାର୍ଚ୍ଚନା କରି କାର୍ଯ୍ୟକ୍ରମକୁ ପ୍ରାରମ୍ଭ କରିଥିଲେ। ମୁଖ୍ୟ ଅତିଥି ଅଧ୍ୟକ୍ଷା ଜିଲ୍ଲାପରିଷଦ କୋରାପୁଟ ସୁଶ୍ରୀ ମେଲେକା ନିଜ ଅଭିଭାଷଣରେ ଦେଓମାଳି ଉତ୍ସବ ମାଧ୍ୟମରେ ଆସୁଥିବା ପର୍ଯ୍ୟଟକ ମାଧ୍ୟମରେ ଏହାର ପ୍ରଚାର ହୋଇପାରିବ ବୋଲି କହିଥିଲେ। ଉକ୍ତ ଉତ୍ସବଟି ଅଞ୍ଚଳର କଳା, ସଂସ୍କୃତି, ପୋଷାକ, ଖେଳ ଆଦିକୁ ପ୍ରକାଶ କରିବା ନେଇ କରାଯାଉଛି। ତେଣୁ ସମସ୍ତେ ଏଥିରେ ସାମିଲ ହେବା ନେଇ କହିଥିଲେ। ସମ୍ମାନିତ ଅତିଥି ଜିଲ୍ଲାପାଳ କୋରାପୁଟ ଶ୍ରୀ ମହାଜନ କୋରାପୁଟର ସମସ୍ତ ଫୁଲ, କୋଟପାଡର ଶାଢ଼ୀ, ମିଲେଟ ମିଶନର, ହସ୍ତକଳା ତନ୍ତ୍ର, ଓଡ଼ିଶା ଏବଂ କୋରାପୁଟର ଇତିହାସ ନେଇ ପୁରାତନ ବହିର ଷ୍ଟଲ, ବିଭିନ୍ନ ସ୍ଥାନର ଖାଦ୍ୟ, ଦେଓମାଳି ତଥା ଈଶ୍ୱରଙ୍କ ମାଳିଙ୍କୁ ଯିଏ ଦେଖିନାହାନ୍ତି ସେମାନେ କିଛି ଦେଖି ନାହାନ୍ତି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସେମିଳିଗୁଡାରୁ ଦୁଇ ବାଳିକାଙ୍କ ଓଡ଼ିଶୀ ନୃତ୍ୟ, ମାଲକାନଗିରି କୟା ନୃତ୍ୟ, ପୁକାଲି ନୋଡାଲ ହାଇସ୍କୁଲର କାଠି ନୃତ୍ୟ, ଗୁଗାଗୁଡା ଗ୍ରାମର କୁନି କଳା କାରଙ୍କ ପଲକ ନୃତ୍ୟ, ସ୍ଥାନୀୟ କଳାକାର କମଳ ବୁରୁଡିଙ୍କ ସଙ୍ଗୀତ ପରିବେଷଣ କରିଥିଲେ। ଚନ୍ଦକା ବାଳିକା ଉଚ୍ଚବିଦ୍ୟାଳୟର ଢେମସା, ଦେଓପଟ୍ଟାଙ୍ଗି ଢେମସା ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ଚମ୍ପାଖେନ୍ଦା ବିଦ୍ୟାଳୟର ଢେମସା ନୃତ୍ୟ ସହ ସମସ୍ତ ଅତିଥି ବୃନ୍ଦ ମଧ୍ୟ ସାମିଲ ହୋଇ ତାଙ୍କ ସହ ନୃତ୍ୟ କରିଥିଲେ। ମଞ୍ଚ ପରିଚାଳନା ନବରରଙ୍ଗପୁରରୁ ଆସିଥିବା ଶୁଭଶ୍ରୀ ଗନ୍ତାୟତ, ସ୍ଥାନୀୟ ସମାଜସେବୀ ପ୍ରତାପ ଚୌଧୁରୀ ଏବଂ ଶିକ୍ଷକ ପ୍ରଫୁଲ୍ଲ ବେହେରା ଓ ନାରାୟଣ ମାଝି କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ସମସ୍ତ ବ୍ଲକର ସରକାରୀ ଏବଂ ବେସରକାରୀ କର୍ମଚାରୀ ସାମିଲ ହୋଇଥିଲେ।

● ନମ୍ବର ବିହୀନ ଟ୍ରାକ୍ଟରରେ ଗଞ୍ଜେଇ ଚାଲାଣ

# ୧ କ୍ୱିଣ୍ଟାଲ୍ ୯୬ କେଜି ଗଞ୍ଜେଇ ଜବତ: ୨ ଗିରଫ

ଜୟପୁର,୧୬।୧୨(ସମିସ) : କୋରାପୁଟ ଜିଲ୍ଲା ଜୟପୁର ସଦର ଥାନା ପୁଲିସ ଗତ ମଧ୍ୟରାତ୍ରୀ ୨ଟା ସମୟରେ ଟ୍ରାକ୍ଟର ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଏକ ନମ୍ବର ବିହୀନ ଟ୍ରାକ୍ଟରକୁ ଅଟକାଇ ଲକ୍ଷ ଲକ୍ଷ ଟଙ୍କାର ବେଆଇନ ୧ କ୍ୱିଣ୍ଟାଲ ୯୬ କିଲୋଗ୍ରାମ ଗଞ୍ଜେଇ ଜବତ କରିଛନ୍ତି। ଏହାକୁ ଚାଲାଣ କରୁଥିବା ଅଭିଯୋଗରେ ମାଛକୁଣ୍ଡ ଥାନା ବିଜାଗୁଡା ଗ୍ରାମର ଗୋପୀ ବଜନାୟକ (୩୮) ଏବଂ ବୈପାରୀଗୁଡା ଥାନା ବୋମେଲ ଗ୍ରାମର କୃଷ୍ଣ ଗାଦବା(୩୦)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ପୁଲିସ



ସୂଚନା ଅନୁଯାୟୀ, ଗତ ବିଳମ୍ବିତର ରାତ୍ରିରେ ସଦରଥାନା ପୁଲିସ ଏଏସଆଇ ଅମିୟ ରଞ୍ଜନ ଶଗରିଆ, ବିଦ୍ୟାଧର ମାଝିଙ୍କ ନେତୃତ୍ୱରେ ପୁଲିସ ପେଟ୍ରୋଲି ଦଳ ଜୟପୁର-ମାଲକାନଗିରି ରାସ୍ତା ୩୨୬ ନମ୍ବର ଜାତୀୟ ରାଜପଥରେ ପାଟ୍ରୋଲିଂ କରୁଥିବା ବେଳେ ସ୍ଥାନୀୟ ଜବାକନାଡି ଗ୍ରାମ ନିକଟରେ ଏକ ନମ୍ବର ବିହୀନ ଟ୍ରାକ୍ଟ ଓ ଟ୍ରଲି ସହିତ ଆସୁଥିବା ବେଳେ ପୁଲିସ ଗାଡ଼ିକୁ ଦେଖି ରାସ୍ତା ପାଶ୍ୱର୍ରେ ଅଟକି ଯାଇଥିଲା। ସେହିପର ସନ୍ଦେହ ହେବାକୁ ଉକ୍ତ ଟ୍ରାକ୍ଟରକୁ ପୁଲିସ ଯାଞ୍ଚ କରିଥିଲେ। କୌଣସି ସାମଗ୍ରୀ ବୋଝେଇ ହୋଇଥିଲା । କିନ୍ତୁ ଟ୍ରଲିରେ ଏକ ଗୁପ୍ତ ଚାମ୍ବର ନିର୍ମାଣ ହୋଇଥିବା ପୁଲିସ ଯାଞ୍ଚ ବେଳେ ଜାଣିବାକୁ ପାଇଥିଲା। ଶେଷରେ ପୁଲିସ ଉକ୍ତ ଚାମ୍ବର ଭିତରୁ ଗଞ୍ଜେଇ ଗନ୍ଧ ଆସୁଥିବା ଜାଣିବା ପରେ ଏହାକୁ ଖୋଲି ଭିତର ବିଭିନ୍ନ ପଲିଥିନ, ଜରିବସ୍ତାରେ ଉପରୋକ୍ତ ପରିମାଣର ଗଞ୍ଜେଇ ଜବତ କରିଥିଲେ। ଏ ଗିରଫ ଦୁଇଜଣ ବ୍ୟକ୍ତି ମଧ୍ୟରୁ ଜଣେ ଚୋରାଚାଲାଣ କରୁଥିବା ବେଳେ ଅନ୍ୟଜଣେ ଡ୍ରାଇଭରଙ୍କ ପାଶ୍ୱର୍ରେ ବସିଥିଲେ। ଏହାକୁ ମାଛକୁଣ୍ଡ ଥାନା ଅଞ୍ଚଳରୁ ଅଣାଯାଇ ଜୟପୁର ସହର କିମ୍ବା ଆଖାପାଖ ଗ୍ରାମାଞ୍ଚଳରେ କୌଣସି ଗଞ୍ଜେଇ ମାଫିଆଙ୍କୁ ପ୍ରଦାନ କରିବାକୁ ଯାଉଥିବା ନେଇ ସନ୍ଦେହ କରାଯାଉଛି। ଏହାର ତଦନ୍ତ ଦାୟିତ୍ୱ ଏସଆଇ ଶିରିଶ ମହାପାତ୍ର କରୁଥିବା ନେଇ ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ନବରଙ୍ଗପୁର ଜିଲ୍ଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ -୨୦୨୫




ନବରଙ୍ଗପୁର,୧୬।୧୨(ସମିସ) ନବରଙ୍ଗପୁର ସହର ସ୍ଥିତ ପୌରପାଳିକା ଉଚ୍ଚ ବିଦ୍ୟାଳୟଠାରେ ନବରଙ୍ଗପୁର ଜିଲ୍ଲାସ୍ତରୀୟ ବିଜ୍ଞାନ ଓ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ନବରଙ୍ଗପୁର ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ମୁଖ୍ୟ ଅତିଥି ନବରଙ୍ଗପୁର ଜିଲ୍ଲାପାଳ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବର ଭାବରେ ନବରଙ୍ଗପୁର ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସନ୍ତୋଷ ପଣ୍ଡା, ଜିଲ୍ଲା ଶିକ୍ଷା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଓମକାର ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମହାଲିକ, ନବରଙ୍ଗପୁର ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଚିତ୍ତରଞ୍ଜନ ପଟ୍ଟନାୟକ, ପୌର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଶ୍ରୀମତୀ ମିନା ବାଗ ଯୋଗ ଦେଇ ମଞ୍ଚାସିନ ରହିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ନବରଙ୍ଗପୁର ଜିଲ୍ଲାପାଳ ଡ଼ଃ ମହେଶ୍ୱର ସ୍ୱାଇଁ ନିଜ ଅଭିଭାଷଣରେ ଉପସ୍ଥିତ ସମସ୍ତ ଶିଶୁ ବୈଜ୍ଞାନିକଙ୍କୁ ନୂତନ ଚିନ୍ତାଧାରାର ଅଭିବୃଦ୍ଧି ଦିଗରେ ତତ୍ପର ହେବା ପାଇଁ ମାର୍ଗ ଦର୍ଶନ କରିଥିଲେ। ଆଜିର ବିଜ୍ଞାନ ମେଳା କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ବ୍ଲକ ଅଧୀନରେ ଥିବା ସ୍କୁଲର ଛାତ୍ରଛାତ୍ରୀ ମାନେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ସର୍ବମୋଟ ୧୩୦ ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଆଜିର ବିଜ୍ଞାନ ମେଳାର ସମସ୍ତ ପ୍ରକଳ୍ପ ବିକଶିତ ଭାରତ ଓ ଆରନିର୍ଭର ଭାରତ ନିମନ୍ତେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଓ ଗଣିତ ବିଷୟବସ୍ତୁକୁ ନେଇ ଉପପ୍ରକଳ୍ପ ଯଥା ଧାରଣୀୟ କୃଷି, ବର୍ଜ୍ୟବସ୍ତୁ ପରିଚାଳନା ଓ ପ୍ଲାଷ୍ଟିକର ବିକଳ୍ପ, ସବୁଜ ଶକ୍ତି,ଉଦୀୟମାନ ପ୍ରଯୁକ୍ତି ବିଦ୍ୟା, ବିନୋଦନାମକ ଗାଣିତିକ ମଡେଲିଂ ,ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା,ଜଳ ସଂରକ୍ଷଣ ଓ ପରିଚାଳନାକୁ ନେଇ ଛାତ୍ରଛାତ୍ରୀ ମାନେ ପ୍ରସ୍ତୁତ କରିଥିଲେ। ଏହି ଅବସରରେ ବିଚାରକ ମଣ୍ଡଳୀ ମାନେ ସମସ୍ତ ପ୍ରକଳ୍ପ ବୁଲି ଦେଖିବା ସହ ଭାଗ ନେଇଥିବା ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନ ଭିତିରେ ୧୩ଟି ପ୍ରକଳ୍ପକୁ ମନୋନୀତ କରିଥିଲେ। ଏହି ୧୩ ଟି ପ୍ରକଳ୍ପ ମଧ୍ୟରୁ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ ଅଧୀନରେ ୭ ଟି ପ୍ରକଳ୍ପ ରାଜ୍ୟ ସ୍ତରୀୟ ବିଜ୍ଞାନ ମେଳାରେ ଛାତ୍ରଛାତ୍ରୀ ମାନେ ଉପସ୍ଥାପନା କରିବେ। ଏହି ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ ବିଭାଗରେ ବିଷ୍ଣୁ ମଣ୍ଡଳ,ଅନ୍?ଷୋ ସୁନା, ପ୍ରତିମା ପୂଜାରୀ, ସସ୍ମିତା ଜାନି, ନରେଶ ପୂଜାରୀ, ଲଭଲି ସାହୁ, ଭୁବନ ଗଣ୍ଡ ସଫଳତା ହାସିଲ କରିଥିଲେ। ସେହିପରି ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅଧୀନରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଅଙ୍କିତା ଦାସ, ଦିନେଶ ହରିଜନ, ବବିତା ଜାନି ଏବଂ ମାଧ୍ୟମିକ ସ୍ତରରେ ସାଇ ମୁକ୍ତେଶ ସାହୁ, ଧରମଦେଇ ଭତରା, ଓମ ପ୍ରକାଶ ଲେଙ୍କା ସଫଳତା ହାସିଲ କରିଥିଲେ। ସେହିପରି ନବରଙ୍ଗପୁର ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁଙ୍କ ସଭାପତିତ୍ୱ ଆୟୋଜିତ କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ନବରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ତପନ ଖୁଣ୍ଟିଆ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ନବରଙ୍ଗପୁର ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ଯୋଗଦାନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ନିଜ ଅଭିଭାଷଣରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ବୈଜ୍ଞାନିକ ଚିନ୍ତାଧାରା ଅଭିବୃଦ୍ଧି ଦିଗରେ ପ୍ରଚେଷ୍ଟା କରିବା ପାଇଁ ଉତ୍ସାହିତ କରିଥିଲେ। ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳା ପାଇଁ ମନୋନୀତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ ସହ ସମସ୍ତ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ବିତରଣ କରିଥିଲେ। ପରିଶେଷରେ ପୌର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ମିନା ବାଗ ଧନ୍ୟବାଦ ଅର୍ପଣ କରି କରିଥିଲେ।

● 'ଚଇତି' ଟେପ୍ ଏଣ୍ଡ ହିଟ୍ ଭଲିବଲ ପ୍ରତିଯୋଗିତା

# ଜିଆଇଇଟିୟୁ ଚାମ୍ପିଅନ୍, ଏକଲବ୍ୟ ରନର୍ସ ଅପ୍

ଗୁଣପୁର ୧୬।୧୨(ସମିସ): ସ୍ଥାନୀୟ ବ୍ଲକ୍ ଅଫିସ ପଡ଼ିଆରେ ଆୟୋଜିତ 'ଚଇତି' ଟେପ୍ ଏଣ୍ଡ ହିଟ୍ ଭଲିବଲ ପ୍ରତିଯୋଗିତାରେ ଗୁଣପୁର ଗାନ୍ଧୀ ବିଶ୍ୱ ବିଦ୍ୟାଳୟ ଦଳ ବିକ୍ରମପୁର ଏକଲବ୍ୟ ଆଦର୍ଶ ବିଦ୍ୟାଳୟକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲର ପ୍ରଥମ ମ୍ୟାଚରେ ଏକଲବ୍ୟ ଦଳ ୨୫-୧୯ ପଏଣ୍ଟରେ ବିଜୟ ହାସଲ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଗାନ୍ଧୀ ବିଶ୍ୱ ବିଦ୍ୟାଳୟ ଦଳ ସୁନ୍ଦର ଭାବରେ ଖେଳି ୨୫-୧୫ ପଏଣ୍ଟରେ ବିଜୟ ହୋଇ ସ୍ଥିତି ବରାବର କରିଥିଲା। ଚୂଡ଼ାନ୍ତ ତୃତୀୟ ମ୍ୟାଚରେ ଗାନ୍ଧୀ ବିଶ୍ୱବିଦ୍ୟାଳୟ ଦଳ ବିକ୍ରମପୁର ଏକଲବ୍ୟ ଦଳକୁ ୧୫-୧୦ ସ୍କୋରରେ ପରାସ୍ତ କରି ଚାମ୍ପିଅନ୍ ହୋଇଥିଲେ। ପୂର୍ବରୁ ଅନୁଷ୍ଠିତ ସେମିଫାଇନଲ ମ୍ୟାଚରେ ଏକଲବ୍ୟ ଦଳ ଗାନ୍ଧୀ ପବ୍ଲିକ ସ୍କୁଲ ଏବଂ ଗାନ୍ଧୀ ବିଶ୍ୱ ବିଦ୍ୟାଳୟ ଦଳ ଭାରସିଂ ଉଚ୍ଚ ବିଦ୍ୟାଳୟ ଦଳକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ଗୁଣପୁର ବିଦ୍ୟାନିକେତନ ପବ୍ଲିକ ସ୍କୁଲ,ଜଗନ୍ନାଥ ପବ୍ଲିକ ସ୍କୁଲ,ଉଚ୍ଚ ବାଳକ ବିଦ୍ୟାଳୟ ସମେତ ମୋଟ ୭ଟି ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମ୍ୟାଚ ଗୁଡିକୁ ରେଫେରି ଭାବେ କ୍ରୀଡା ଶିକ୍ଷକ ରମାକାନ୍ତ ମିଶ୍ର,ଜୟ ପ୍ରକାଶ ସାହୁ, ରବୀନ୍ଦ୍ର ପଣ୍ଡା ଦାୟିତ୍ୱ ତୁଲାଇଥିବା ବେଳେ ଗୁଣପୁର ବନ୍ଧନ ବ୍ୟାଙ୍କ ପ୍ରଯୋଜନାରେ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଆଜି ସକାଳେ ଏହି ପ୍ରତିଯୋଗିତାକୁ ଚଇତି କମିଟି ଅଧ୍ୟକ୍ଷ ତଥା ଉପଜିଲ୍ଲାପାଳ ଅଭିଷେକ ଦିଲ୍ଲୀପ ଦୁଧାଲ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦଘାଟନ କରିଥିଲେ। ଉଦଘାଟନ ସମାରୋହରେ ଗାନ୍ଧୀ ବିଶ୍ୱବିଦ୍ୟାଳୟର ଉପ ସଭାପତି ଡ଼ଃ ଚନ୍ଦ୍ରଧ୍ୱଜ ପଣ୍ଡା, ଚଇତି କ୍ରୀଡା କମିଟିର ଅଧ୍ୟକ୍ଷ ସ୍ୱସ୍ତିକ ଜମାଦାର, ଆମ୍ଭସମ୍ୟାନ ଅକ୍ଷୟ କୁମାର ଦାଶ, ସାମ୍ବାଦିକ ତ୍ରିନାଥ ଖାଡ଼ଙ୍ଗା,କ୍ରୀଡ଼ା କମିଟିର ଆବାହାକ ତଥା ବ୍ଲକ ମଙ୍ଗଳ ଅଧିକାରୀ ଗଙ୍ଗାଧର ବେହେରା, ବିଜେପି ରାଷ୍ଟ୍ରୀୟ ପରିଷଦ ସଭ୍ୟ ୱାଇ ଗଣପତି , ପୌର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼, ରାଜ୍ୟ ଯୁବ ବିଜେଡି ଉପ ସଭାପତି ବିଷ୍ଣୁ ପ୍ରସାଦ ପଣ୍ଡା, ରାମ ଚନ୍ଦ୍ର ପଣ୍ଡା , ବନ୍ଧନ ବ୍ୟାଙ୍କ ପରିଚାଳକ ଦିଲ୍ଲୀପ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ଓ ଜାତୀୟ ସ୍ତରରେ ଟେପ ଏଣ୍ଡ ହିଟ ଭଲିବଲ ଖେଳକୁ କେବଳ ମାନ୍ୟତା ଦିଆଯାଇଥିବାରୁ ଚଳିତ ଥର ପ୍ରଥମ କରି ଟେପ ଏଣ୍ଡ ହିଟ ଭଲି ପ୍ରତିଯୋଗିତାକୁ ଆୟୋଜନ କରାଯାଇଥିଲା ବୋଲି କ୍ରୀଡ଼ା କମିଟି ଅଧ୍ୟକ୍ଷ ଶ୍ରୀ ଜମାଦାର ସୂଚନା ଦେଇଥିଲେ। ଏଣିକି ସ୍କୁଲ ,କଲେଜ ଗୁଡିକରେ ଏହି ଖେଳକୁ ବହୁଳ ମାତ୍ରାରେ ଅଭ୍ୟାସ କରିବା ନିମନ୍ତେ ଆୟୋଜକ ମାନଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ସେହିପରି ପ୍ରତିଯୋଗିତାକୁ କ୍ରୀଡ଼ା କମିଟିର ସଦସ୍ୟ ସପନ ଦାଶ,ରବୀନ୍ଦ୍ର କୁମାର ପଣ୍ଡା,କିରଣ ପାଣିଗ୍ରାହୀ , କ୍ରୀଡା ଶିକ୍ଷକ ଶିକ୍ଷୟତ୍ରୀ ନମିତା ରଥ,ଅଲିଭା ଜ୍ୟୋତି ଦେ, ନନ୍ଦିନୀ ପଣ୍ଡା, ଜୟକୃଷ୍ଣ ପାତ୍ର,ଶଙ୍କର୍ଷଣ ମହାନ୍ତି, ଗଣେଶ ମହାପାତ୍ର, ରମାକାନ୍ତ ମିଶ୍ର, କୈଳାଶ ପାଣିଗ୍ରାହୀ, ଦିଲ୍ଲୀପ ପଣ୍ଡା, ମନୋଜ କୁମାର ତୁଳ , ଗୌତମ ମୁଦୁଲି, ଶୁସାନ୍ତ କୁମାର ବିଷୋୟୀ, ରାମ ଶଙ୍କର ପାଳ, ଶିଶୁ ସାଗର ପ୍ରଧାନ, ନାରାୟଣ ପ୍ରସାଦ ପାଳ, ଉମାକାନ୍ତ ଶବର, ହରେକୃଷ୍ଣ ଗୌଡ଼, କମଳାକାନ୍ତ ଖୁଣ୍ଟିଆ, ପଞ୍ଚାନନ ଶତପଥି ପ୍ରମୁଖ ଉପସ୍ଥିତ ରହି ଶୃଙ୍ଖଳାର ସହ ପରିଚାଳନା କରଥିଲେ।

● ୮ ଦିନ ପରେ ଖୋଲିଲା ଏମ୍‌ଭି ୨୬ ସରକାରୀ ସ୍କୁଲ

# ଛାତ୍ରଛାତ୍ରୀଙ୍କ ପାଠପଢ଼ା ହେଲା ସ୍ୱାଭାବିକ



କୋରୁକୋଣ୍ଡା, ୧୬ ।୧୨(ସମିସ):

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ମାରିୱାଡା ଗ୍ରାମପଞ୍ଚାୟତରେରାଖାଲାଗୁଡା ମହିଳାଙ୍କ ମୃତ୍ୟୁ ପରେ ଉଭୟ ଗ୍ରାମ ମଧ୍ୟରେ ହୋଇଥିବା ହିଂସା ଓ ଏମଭି ୨୬ ଗ୍ରାମରେ ପୋଡାଜଳା ଘଟଣା ଠାରୁ ଜିଲ୍ଲା ପ୍ରଶାସନ ତରଫରୁ ପ୍ରାୟ ୮ ଦିନ ହେବ ଏମଭି ୨୬ଗ୍ରାମ ସରକାରୀ ଆଦର୍ଶ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ ରଖାଯାଇଥିଲା। ଆଜି ଉକ୍ତ ବଦ୍ୟାଳୟ ଖୋଲିଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମଞ୍ଜୁଲତା ଭୋଇ ଏବଂ ଭାଗିରଥି ବେହେରାଙ୍କ ଉପସ୍ଥିତିରେ ଛାତ୍ରଛାତ୍ରୀଙ୍କୁ ବହି ଖାତା ସହିତ ବିଭିନ୍ନ ସାମଗ୍ରୀ ପ୍ରଦାନ କରାଯାଇଛି। ପୂର୍ବ ଦିନରେ ବିଦ୍ୟାଳୟ ବନ୍ଦ ହେତୁ ସେ ସମସ୍ତ ଦିନଗୁଡିକର ମଧ୍ୟାନ ଭୋଜନ ବାବଦକୁ ଚାଉଳ ସହିତ ଅର୍ଥ ମଧ୍ୟ ଛାତ୍ର ଛାତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟରେ ଶିଶୁବାଟିକା ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟା ୧୧୫ଜଣ ଛାତ୍ର ଛାତ୍ରୀ ରହିଥିବା ବେଳେ ଆଜି ପ୍ରଥମ ଦିନରେ ମୋଟା ୨୭ଜଣ ଛାତ୍ର ଛାତ୍ରୀ ଉପସ୍ଥିତ ରହିଥିବା ବେଳେ ମଧ୍ୟାହ୍ନଭୋଜନ ମଧ୍ୟ ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷକ ଟୁଟୁ ଚୌଧୁରୀ, ଶିକ୍ଷକ ରାଜେଶ ପଟ୍ଟନାୟକ, ସୂର୍ଯ୍ୟକାନ୍ତ ଦାସ, କିରଣ କାନ୍ତ ସାହୁଙ୍କ ସହତ ସିଆରସିସି ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ପ୍ରତେକ ଦିନ ବିଦ୍ୟାଳୟ ଆସିବାକୁ ବୁଝାଇବା ସହିତ ପ୍ରଧାନ ଶିକ୍ଷକ ଛାତ୍ର ଛାତ୍ରୀଙ୍କ ଘରକୁ ଘର ଯାଇ ଛାତ୍ର ଛାତ୍ରୀଙ୍କୁ ବିଦ୍ୟାଳୟକୁ ପଠାଇବା ନିମନ୍ତେ ଅଭିଭାବକଙ୍କୁ ବୁଝାଇଥିଲେ।

## ବିତିଗଲାଣି ଦୁଇ ଦଶନ୍ଧି

# ଲୋକଙ୍କ ସ୍ମୃତିରେ 'ଚଇତି'ର ଚର୍ଚ୍ଚିତ ଚେହେରା

ପଦ୍ମପୁର,୧୬।୧୨(ସମିସ): ରାୟଗଡ଼ା ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣିଙ୍କ ଚୈତ୍ରପର୍ବକୁ ନେଇ ଚଇତି ଉତ୍ସବର ପରିକଳ୍ପନା କରାଯାଇଛି। ଆଦିବାସୀ ଅଧ୍ୟୁଷିତ ଓ ସେହି ସମ୍ପ୍ରଦାୟର ସଂସ୍କୃତି ଦ୍ୱାରା କବଳିତ ଏହି ଜିଲ୍ଲାରେ ଲୁପ୍ତ ସଂସ୍କୃତିର ପୁନରୁଦ୍ଧାର, ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାର ବିକାଶ, ବିଭିନ୍ନତା ମଧ୍ୟରେ ଏକତାର ପରିପ୍ରକାଶହିଁଚଇତିମହୋତ୍ସବରମୂଳଲକ୍ଷ୍ୟ। ପଦ୍ମପୁର ଅଞ୍ଚଳରେ 'ଚଇତି'ର ପରିକଳ୍ପନା ପ୍ରଥମେ ୨୦୦୪ରେ ଆରମ୍ଭ ହୋଇଥିଲା। ହେଲେ ସେହି ସମୟର 'ଚଇତି' ଆଜିକାଲି ଆଉ ଦେଖିବାକୁ ମିଳୁନାହିଁ। ଲୋକଙ୍କ ଉତ୍ସାହ ସହଯୋଗ ଓ ଲୋକ ପ୍ରତିନିଧିଙ୍କ ଆଗ୍ରହ ପାଇଁ ଏକ ବଡ଼ ମହୋତ୍ସବରେ ପରିଣତ ହେଉଥିଲା। ହେଲେ ସେହି ସମୟର କିଛି ଚର୍ଚ୍ଚିତ ବ୍ୟକ୍ତି ଏବେ ନାହାନ୍ତି । ତଥାପି ଚଇତିରେ ସେମାନଙ୍କ ଆଗ୍ରହ ଓ ଉଦ୍ୟମ ଆଜି ମଧ୍ୟ ମନେ ପଡେ। ସ୍ୱର୍ଗତ ପ୍ରଦୀପ କୁମାର କର ଜଣାଶୁଣା ବ୍ୟକ୍ତିତ୍ୱ। ନିଜ ଜୀବନ କାଳ ମଧ୍ୟରେ ନିଜ ଉଦ୍ୟମରେ ପଦ୍ମପୁରରୁ ଏକ ତ୍ରୟ ମାସିକ ସାହିତ୍ୟ ପତ୍ରିକା 'ରୁପା ଘୁଙ୍ଗୁର' ସମ୍ପାଦକ ଦାୟିତ୍ୱ ନିର୍ବାହ କରି ପଦ୍ମପୁର ଭଳି ଆଦିବାସୀ ବହୁଳ ଅଞ୍ଚଳରେ ସୁନାମ ଅର୍ଜନ କରିବା ସହ ଦୈନିକ ଖବର କାଗଜରେ ରହି ଲୋକଙ୍କ ସେବା କରିପାରିଥିଲେ। ପଦ୍ମପୁର ଆଞ୍ଚଳିକ କଳାକାରଙ୍କୁ ନେଇ









ପୌରାଣିକ ଗୀତିନାଟ୍ୟ ସାମନ୍ତକ ମଣି ହରଣ ରେ ଚିତ୍ରସେନ ଭୂମିକାରେ ଅଭିନୟ କରି ଲୋକଙ୍କ ଆଦରଣୀୟ ହୋଇଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଚଇତି ମହୋତ୍ସବ ପାଇଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନେବା ସହ ଚଇତି ପାଇଁ ପ୍ରକାଶିତ ସ୍ମରଣିକା ପାଇଁ ଲେଖା ଓ କବିତା ଆସର ପାଇଁ ତାଙ୍କ ଅବଦାନ ଅତୁଳନୀୟ। ପଦ୍ମପୁରର ବିଭିନ୍ନ ଐତିହାସିକ କୀର୍ତ୍ତିରାଜିର ଲୋକଲୋଚନକୁ ଆଣିବା, ଶବର ସଂସ୍କୃତିର ଆରାଧ୍ୟ ଦେବତା ମାତାରବନ୍ନମ ଶବର ପଲ୍ଲୀର ଓ ମିନାଝୋଲା ଶୈବପୀଠର ବହୁବାର ପ୍ରଚାର ପ୍ରସାର କରି ଲୋକଲୋଚନକୁ ଆଣିବାରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ। ସର୍ବୋପରି ତେଲୁଗୁ ସଂପ୍ରଦାୟର ସ୍ୱାମୀ ଆୟାପ୍ପା ଭଗବାନଙ୍କ ଚରିତକୁ ଓଡ଼ିଆରେ ଅନୁବାଦ କରି ସେହି ସମୟରେ ଲୋକଙ୍କ ପ୍ରଶଂସାର ପାତ୍ର ହୋଇପାରିଥିଲେ। ସେହିପରି ସ୍ୱର୍ଗତ ଲକ୍ଷ୍ମୀ ନାରାୟଣ କଂସ ବେହେରା ଜଣେ ଅବସରପ୍ରାପ୍ତ ଶିକ୍ଷକ ହୋଇଥିଲେ ମଧ୍ୟ ଶିକ୍ଷକ ଜୀବନରେ ବହୁ ବ୍ୟକ୍ତିଙ୍କୁ ମଣିଷ କରିବା ସହ କଳାକାର ଭୂମିକାରେ ଅଭିନୟ କରିବାରେ ସେ ସିଦ୍ଧହସ୍ତ। ଗାଁର ଠାକୁରାଣୀ ଯାତ୍ରା ହେଉ କି ଚଇତି ସାଂସ୍କୃତିକ ମହୋତ୍ସବ ହେଉ ଜେଜୁନାଚ କରିବା ସହ ଲୋକଲୋଚନ ଆଢୁଆଳରେ ରହିଥିବା ମାଳିଆ ସୈରାନୃତ୍ୟ ପାଇଁ ସେ ଖୁବ୍ ଲୋକପ୍ରିୟତା ଲାଭ କରିଥିଲେ। ଚଇତି ପାଇଁ ତାଙ୍କ ଅବଦାନ କିଛି କମ୍ ନୁହେଁ। ସ୍ୱର୍ଗତ ଗଙ୍ଗାଧର ପଣ୍ଡା ଜଣେ ଅବସରପ୍ରାପ୍ତ ଶିକ୍ଷକ ହେଲେ ମଧ୍ୟ କଳାକାର, ସାହିତ୍ୟିକ ତଥା ଜଣେ ଭଲିବଲ ଖେଳାଳୀ ଭାବରେ ସେ ଖୁବ୍ ଜଣାଶୁଣା। ଚଇତି ସମୟରେ ସାହିତ୍ୟ ଆସର, କବିତା ପାଠୋତ୍ସବ ଓ ବିଭିନ୍ନ ସ୍କୁଲମାନଙ୍କରେ ପିଲାମାନଙ୍କର କ୍ରୀଡାରେ ଶିଶୁ ମାନେ କିଭଳି ପାରଦର୍ଶିତା ହାସଲ କରିବେ ଏବଂ ଚଇତି ମଣ୍ଡପ ରେ ସମ୍ମାନୀତ ହେବେ ସେଥିପାଇଁ ସେ ସଜାଗ ରହିବା ତାଙ୍କ ଆଦର୍ଶକୁ ପ୍ରତିପାଦନ କରେ। ଠିକ୍ ସେହିପରି ଯୁବଗୋଷ୍ଠୀଙ୍କୁ ନେଇ ଗ୍ରାମ ଆଖଡ଼ା ଗୃହରେ ପିଲାଙ୍କୁ ବିନା ପାରିଶ୍ରମିକରେ ପୌରାଣିକ ଓ ଆଧୁନିକ ନୃତ୍ୟଗୀତରେ ନିର୍ଦ୍ଦେଶନା ଦେବା ସହ ଲୋକପ୍ରିୟତା ହାସଲ କରିପାରିଥିଲେ। ସ୍ୱର୍ଗତ ଜଗଜିତ୍ ପଣ୍ଡା ପେଶାରେ ଯୁବ ସମ୍ବାଦଦାତା ହେଲେ ମଧ୍ୟ ଜଣେ ବିଚକ୍ଷଣ ବୁଦ୍ଧି ସମ୍ପନ୍ନ ବ୍ୟକ୍ତି ହିସାବରେ ପ୍ରଶାସନିକ ଅଫିସର ଠାରୁ ଆରମ୍ଭ କରି ରାଜନେତାଙ୍କ ପାଖରେ ତାଙ୍କର ଖାତିରି ଅନେକ। ଚଇତି ସମୟରେ ଅତିଥି ମାନଙ୍କୁ ନିମନ୍ତ୍ରଣ ଠାରୁ ଆରମ୍ଭ କରି ସାଂସ୍କୃତିକ ଓ ଚଇତି ମଣ୍ଡପ ର କିଭଳି କଳାକାର ମାନେ ପ୍ରଦର୍ଶିତ କରିବେ ଦିଗ୍ ଦର୍ଶନ ଦେବାରେ ନିଆରା ବ୍ୟକ୍ତିତ୍ୟ ଥିଲେ। ସ୍ୱର୍ଗତ ପ୍ରଶାନ୍ତ ଶତପଥୀ ଜଣେ ଶିକ୍ଷାବିତ ଓ ସାହିତ୍ୟିକ ଏବଂ ଲେଖକ ଭାବେ ଜଣାଶୁଣା। ଅଞ୍ଚଳରେ ଯେକୌଣସି ସରକାରୀ କିମ୍ବା ବେସରକାରୀ କାର୍ଯ୍ୟର ମାର୍ଗଦର୍ଶକ ଭାବେ ଖୋଜା ପଡ଼ନ୍ତି ଏହି ବ୍ୟକ୍ତିଙ୍କୁ। ହେଲେ ଚଇତି ସମୟରେ ପ୍ରକ୍ ପ୍ରସ୍ତୁତି କିଭଳି କରାଯିବ ତାଙ୍କ ମତକୁ ସମସ୍ତେ ସମ୍ମାନର ସହ ଗ୍ରହଣ କରୁଥିଲେ। ହେଲେ ବର୍ତ୍ତମାନ ପରିସ୍ଥିତି ରେ ସେଭଳି ଚଇତି ପ୍ରତି,ଜନତା, ଲୋକପ୍ରତିନିଧି ଓ ପ୍ରଶାସନିକ ଆଗ୍ରହ ଓ ସହଯୋଗ ର ଅଭାବ ଯୋଗୁଁ ଚ ଇତି ଆଗଭଳି ହେଉନାହିଁ। ଚଇତିରେ ଆଞ୍ଚଳିକ ଲେଖକଙ୍କ ଦ୍ୱାରା ଏକ ସ୍ମରଣିକା ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଚଇତି ମହୋତ୍ସବ ଦିନ ହଜାର ହଜାର ଲୋକ ଢାମ୍ପ, ଚାଙ୍ଗୁ ଓ ଯୋଡି ଶଙ୍ଖ ମାଧ୍ୟମରେ ଆଦିବାସୀ ନୃତ୍ୟ ଗୀତ ମାଧ୍ୟମରେ ଶହଶହ ଘଟକଳସୀ ଗଙ୍ଗା ଆବାହନ କରି ଶୋଭାଯାତ୍ରାରେ ସହର ପରିକ୍ରମା କରି ଚଇତି ମହୋତ୍ସବ ନିକଟରେ ପହଞ୍ଚିବା ପରେ ଜିଲ୍ଲାର ପ୍ରାୟତଃ ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇ ବିଳମ୍ବିତ ରାତ୍ରୀ ପଯ୍ୟନ୍ତ ଆଞ୍ଚଳିକ କଳାକାର ମାନଙ୍କ କଳାକୁ ମନଭରି ଉପଭୋଗ କରୁଥିଲେ। ହେଲେ ଦୀର୍ଘ ବର୍ଷ ପରେ ମଧ୍ୟ ଚଇତି ଗଣପର୍ବ ଆସିଲେ ଲୋକେ ସେହି ସମୟର ବ୍ୟକ୍ତିଙ୍କୁ ମନେ ପକାଉଛନ୍ତି।

## ମନମୋହୁଛି 'ମଣ୍ଡେଇ'








### କୋରାପୁଟ ଜିଲ୍ଲାରେ ଧାନମଣ୍ଡି ଖୋଲିଲାଣି

# ଖରିଫ ଧାନ ନେବାକୁ ଚୁକ୍ତିନାମା କରିନାହାନ୍ତି ମିଲର୍ସ

ଜୟପୁର,୧୬ ।୧୨(ସମିସ) : କୋରାପୁଟ ଜିଲ୍ଲାରେ ଧାନ ମଣ୍ଡି ଉଦ୍‌ଘାଟନ ହୋଇଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ ଧାନ କ୍ରୟ ଆରମ୍ଭ ହୋଇନାହିଁ। ଖରିଫ ମଣ୍ଡିରେ ଚାଷଙ୍କ ଧାନ କ୍ରୟ ବିଳମିତ ହେଉଛି। ଖାଦ୍ୟ ଯୋଗାଣ ନିଗମ ସହିତ କଷ୍ଟମ ମିଲର୍ସ ମାନଙ୍କ ଚୁକ୍ତିନାମା ହୋଇନଥିବା ଏହାର ଅନ୍ୟ ଏକ କାରଣ। ବୁଧବାର ପ୍ରାୟ ୭୦ ଜଣ ମିଲର୍ସ ଚୁକ୍ତିନାମା କରିବାର ସମ୍ଭାବନା ରହିଛି ବୋଲି ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ବ୍ୟାଙ୍କ ଗ୍ୟାରେଣ୍ଟି ଦାଖଲ ଏବଂ ଚୁକ୍ତିନାମା ପରେ ମଣ୍ଡିରେ କ୍ରୟ ଧାନ ମିଲର୍ସ ମାନେ ଗ୍ରହଣ କରିପାରିବେ। ତେଣୁ ବ୍ୟାଙ୍କ ଗ୍ୟାରେଣ୍ଟି ପ୍ରଦାନ କରିବାରେ ବିଳମ୍ବ ହେଲେ ଚୁକ୍ତିନାମାରେ ବିଳମ୍ବ ଘଟିବ ଏବଂ ଚାଷୀ ଧାନ କ୍ରୟରେ ମଧ ବିଳମ୍ବ ହେବାର ଆଶଙ୍କା ଦେଖାଦେଇଛି। ଜିଲ୍ଲାରେ ୯୫ଟି ମିଲ ରହିଥିବା ବେଳେ ଗତ ଖରିଫ ଓ ରବିଧାନ କଷ୍ଟମ ମିଲ ପାଇଁ ନେଇଥିବା ୧୫ରୁ ଅଧିକ ମିଲର୍ସ ଶତ ପ୍ରତିଶତ କଷ୍ଟମ ମିଲିଂ ଚାଉଳ ପ୍ରଦାନ କରିଛନ୍ତି। ସରକାରଙ୍କ ଖାଦ୍ୟ ଯୋଗାଣ ନିଗମର ନିୟମ ଅନୁଯାୟୀ ପୂର୍ବରୁ ଶତପ୍ରତିଶତ ଚାଉଳ ପ୍ରଦାନ କରିଥିଲେ ହିଁ ପରବର୍ତ୍ତୀ ଧାନ କଷ୍ଟମ ମିଲିଂ ପାଇଁ ଗ୍ରହଣ ନିମନ୍ତେ ଚୁକ୍ତିନାମ କରିପାରିବେ। କିନ୍ତୁ ସରକାରଙ୍କ ନୂତନ ନିୟମ ଅନୁଯାୟୀ ଏହାକୁ କମାଇ ୭୦ ପ୍ରତିଶତ ଚାଉଳ ପ୍ରଦାନ କରିଥିବା କଷ୍ଟମ ମିଲର୍ସଙ୍କୁ ଚୁକ୍ତିନାମା କରିପାରିବେ। ଉକ୍ତ ୭୦ ପ୍ରତିଶତ ଚାଉଳ ପ୍ରଦାନ ବଦଳରେ ପୈଠ ବ୍ୟାଙ୍କ ଗ୍ୟାରେଣ୍ଟି ଅନୁଯାୟୀ ପରବର୍ତ୍ତୀ ମଣ୍ଡିରେ କ୍ରୟ ଧାନ କଷ୍ଟମ ମିଲିଂ ନିମନ୍ତେ ପ୍ରଦାନ କରାଯିବ ଏବଂ ବଳକା ୩୦ ପ୍ରତିଶତ ପ୍ରଦାନ କରାଗଲେ ତଦ୍‌ଅନୁଯାୟୀ ବଳକା କଷ୍ଟମ ମିଲିଂ ବାବଦକୁ ଧାନ ପ୍ରଦାନ କରାଯିବ। ଏହି ପରିପ୍ରେକ୍ଷୀରେ କୋରାପୁଟ ଜିଲ୍ଲାରେ ୧୫ରୁ ଅଧିକ କଷ୍ଟମ ମିଲର୍ସ ଶତ ପ୍ରତିଶତ ଚାଉଳ ପ୍ରଦାନ କରିଥିବା ବେଳେ ପ୍ରାୟ ୫୦ରୁ ଅଧିକ ମିଲର୍ସ ୭୦ ପ୍ରତିଶତରୁ ଅଧିକ ଚାଉଳ ପ୍ରଦାନ କରିଛନ୍ତି। ବର୍ତ୍ତମାନ ଭାରତୀୟ ଖାଦ୍ୟ ନିଗମ ଏବଂ ଅନ୍ୟାନ୍ୟ ରାଜ୍ୟ ଚାଉଳ ଗୋଦାମ ଗୁଡିକ ପ୍ରଦାନ ଜୋରଦାର କରାଯାଉଛି। ଚୁକ୍ତିନାମା ପୂର୍ବରୁ ମିଲର୍ସ ମାନେ ଜମା କରିଥିବା ସେମାନଙ୍କ ବ୍ୟାଙ୍କ ଗ୍ୟାରେଣ୍ଟିକୁ ପୁନଃର୍ବାର ଜମା କରିବା ନେଇ ଉକ୍ତ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ପତ୍ର ମାଧ୍ୟମରେ ଜଣାଇବା ପରେ ଏହାକୁ ରାଜ୍ୟ ଖାଦ୍ୟ ନିଗମ ନିକଟରେ ଜମା କରିବା ପରେ ଉକ୍ତ ଜମା ଟଙ୍କା ବଦଳରେ ଏହି ମୂଲ୍ୟର ୬ ଭାଗ ଅଧିକ ଧାନ ପ୍ରଦାନ କଷ୍ଟମ ମିଲିଂ ବାବଦକୁ ପ୍ରଦାନ କରାଯିବ।

## ପିଡିଏସ୍ ଚାଉଳ ଚୋରି ବେଳେ ଧରିଲେ ଗ୍ରାମବାସୀ



ମାଲକାନଗିରି,୧୬ ।୧୨(ସମିସ): ଚୋରି ହେଉଥିଲା ପିଡ଼ିଏସ ଚାଉଳ। ହେଲେ ଧରି ପକାଇଲେ ଗାଁ ଲୋକେ। ଏପରି ଘଟଣା ଘଟିଛି ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ତେନ୍ତୁଳିଗୁଡା ଗ୍ରାମରେ। ସରକାର ଯୋଗାଉଥିବା ପିଡ଼ିଏସ ଚାଉଳ ଏହି ଗ୍ରାମର ଗୋଦାମକୁ ଯାଉଥିବା ବେଳେ ଚାଉଳ ବସ୍ତା ଗୋଦାମରେ ରଖିବା ପୂର୍ବରୁ କିଛି ବସ୍ତା ଚାଉଳ ରାସ୍ତା କଡ଼ରେ ଥିବା ଲଟାବୁଦା ମଧ୍ୟକୁ ଫିଙ୍ଗି ଦେଇ ଲୁଚାଇ ଥିଲେ ଗାଡିର କର୍ମଚାରୀ। ହେଲେ ଗାଁ ଲୋକେ ଏହା ଦେଖି ଦେବାରୁ ଲୋକଙ୍କୁ ମଧ ସେମାନେ ଗୋଟିଏ ବସ୍ତା ଚାଉଳ ଦେବୁ, କାହାକୁ କିଛି ନ କହିବା ପାଇଁ କହିଥିଲେ। କିନ୍ତୁ ଗ୍ରାମବାସୀ ତୁରନ୍ତ ଏହାକୁ ବିରୋଧ କରିବା ସହ ଉକ୍ତ ଗାଡିକୁ ଅଟକ ରଖିଥିଲେ। ଗ୍ରାମବାସୀ ଏହି ଚାଉଳ ହେରଫେରକୁ ବିରୋଧ କରିବା ସହ ଗରିବ ଲୋକଙ୍କ ପାଇଁ ଆସୁଥିବା ଚାଉଳର ହେରଫେର ଉପରେ ରୋକ ଲଗାଇ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉ ବୋଲି ଦାବି କରିଛନ୍ତି।

## ଉରୁବାଲି ସ୍କୁଲରେ ବାର୍ଷିକ କ୍ରୀଡ଼ା ଉତ୍ସବ



ଏମିଭି-୭୯,୧୬ ।୧୨(ସମିସ): ଉରୁବାଲି ସ୍କୁଲଠାରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭଲିବଲ, ଖୋଖୋ, ହାଇଜମ୍ପ ଆଦି ବିଭିନ୍ନ ଖେଳ ହେଇଥିଲା। ପାଠ ସହ ପ୍ରତ୍ୟେକ ଦିନ ଖେଳର ମଧ ଆବଶ୍ୟକତା ରହିଛି। ଯାହା ଖୁସି ପ୍ରଦାନ କରିବା ସହ ଆମ ଶରୀର ସୁସ୍ଥ ରଖିବାରେ ସହାୟକ ହେବ। ପ୍ରତ୍ୟେକ ଦିନ ବ୍ୟସ୍ତ ବହୁଳ ସମୟରୁ ଟିକେ ସମୟ ଯୋଗ ଅଭ୍ୟାସ, ଆମକୁ ରୋଗ ଠାରୁ ବହୁ ଦୂରରେ ରଖିବ, ଏଭଳି ମତ ଦେଇଛନ୍ତି ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ପୂର୍ବତନ ସରପଞ୍ଚ ରାବା ରାମା। ପ୍ରଥମେ ଏହି ଉତ୍ସବର ଆରମ୍ଭରେ ଜଗନ୍ନାଥଙ୍କ ଠାରେ ପୂଜାର୍ଚ୍ଚନା କରି ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ରୂପେ ଯୋଗଦେଇ ଥିଲେ ଅଧ୍ୟକ୍ଷ ଜି କେ ବେହେରା, ଆଶିଷ ରଞ୍ଜନ ଦାସ, ମୋନାଲିସା ମଣ୍ଡଳ, ଏ କେ ଗମାଙ୍ଗ, ମୁକେଶ ପାତ୍ର, ଲିପିକା ବୁଶ୍ୱାସ, ଭିଜି ବାରିକ, ଅନୁରାଧା ବେହେରା, ରମେଶ ମାଡକାମୀ, ଭେଙ୍କଟ ରାବଣୟା, ବିନୋଦ ମଜୁମଦାର, ମିନତୀ ନାୟକ, ଲିନା ସୁନାମ, ଭାରତୀ ମହାରଣା । ଏହି କ୍ରୀଡା ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ଏକ ଛୋଟ ସ୍ୱାଗତ ସଙ୍ଗୀତରେ ନୃତ୍ୟ ପରିବେଷଣ କରିଥିଲେ।

## କୋଷାଗୁମୁଡ଼ାରେ ପ୍ରବଳ ଶୀତ

କୋଷାଗୁମୁଡ଼ା,୧୬।୧୨(ସମିସ): କିଛିଦିନ ହେଲା କୋଷାଗୁମୁଡ଼ା ଅଞ୍ଚଳରେ ପ୍ରବଳ ଶୀତ ଅନୁଭୂତ ହେଉଛି। ଯାହାକି ସମ୍ପୂର୍ଣ୍ଣ ଜନଜୀବନ, ପଶୁପକ୍ଷୀଙ୍କ ଉପରେ ସିଧାସଳଖ ପ୍ରଭାବ ପକାଉଛି। ସକାଳ ୮ରୁ ୯ଟା ପର୍ଯ୍ୟନ୍ତ ଥଣ୍ଡା ରହୁଛି। ଫଳରେ ରାସ୍ତାଘାଟ କୁହୁଡିର ଆସ୍ତରଣରେ ଢାଙ୍କି ରହୁଛି। ମଙ୍ଗଳବାର ସକାଳ ୮ଟାରେ ୯ ଡିଗ୍ରୀ ସେଲସିୟସରେ ତଳମୁହାଁ ହୋଇଥିଲା ପାରଦ। ଏଣୁ ଭୋରରେ ଗାଡି ଚଳାଇବା ବିପଦ ପୂର୍ଣ ହୋଇପଡିଛି। ଏଭଳି ହାଡ଼ଭଙ୍ଗା ଶୀତର ପ୍ରକୋପରେ ଶ୍ରମିକ ଓ ଖଟିଖିଆ ମଜୁରିଆ, ବୁଢାବୁଢ଼ୀ, ଭିକାରୀ ହନ୍ତସନ୍ତ ହେଉଛନ୍ତି। ସନ୍ଧ୍ୟା ୭ଟାରେ ଦୋକାନ ବଜାର ବନ୍ଦ ହୋଇଯାଉଛି। ସକାଳ ୧୦ଟାରେ ଦୋକାନ ଖୋଲୁଥିବା ଦେଖିବାକୁ ମିଳୁଛି। କୋଡ଼ିଙ୍ଗା, କୋଟାଗାଁ, ବୋଡ଼ଆମ୍ବଡ଼ା, ରାଜୋଡା, କୋଟପାଡ଼, ପାପଡାହାଣ୍ଡି ରାସ୍ତାରେ ଗାଡ଼ି ମଟର ଚଳାଚଳ କୁହୁଡି ଯୋଗୁଁ ପ୍ରଭାବିତ ହେଉଛି। ସାଧାରଣ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ସ୍ଥାନେ ସ୍ଥାନେ କୁହୁଡି ଯୋଗୁଁ ଆକସ୍ମିକ ଦୁର୍ଘଟଣା ହେଉଥିବା ସାମ୍ନାକୁ ଆସୁଛି। କୋଷାଗୁମୁଡ଼ା ରାସ୍ତା କଡ଼ରେ ସ୍ଥାନେ ସ୍ଥାନେ ଲୋକେ ନିଆଁ ଲଗାଇ ଶୀତ ପ୍ରକୋପରୁ ରକ୍ଷା ପାଇବା ପାଇଁ ଠିଆ ହେଉଥିବା ଦେଖିବାକୁ ମିଳିଛି।



## ଶାନ୍ତାକ୍ଲଜ୍ ବେଶରେ ଯୁବକ ଯୁବତୀଙ୍କ ସହର ପରିକ୍ରମା



କୋରାପୁଟ,୧୬।୧୨(ସମିସ): ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିନ ବା ବଡ଼ଦିନ ପାଳିତ ହେବା ପୂର୍ବରୁ ଖୁସିରେ ଖ୍ରୀଷ୍ଟିଆନ ଧର୍ମର ଯୁବକ ଯୁବତୀ ନିଜକୁ ସାନ୍ତାକ୍ଲୁଜ ବେଶରେ ସଜାଇ ସହର ପରିକ୍ରମା କରିଛନ୍ତି। ମଙ୍ଗଳବାର ରାତିରେ କୋରାପୁଟରେ ସ୍ଥାନୀୟ ମିଶନ କମ୍ପାଉଣ୍ଡର ଶତାଧିକ ଯୁବକ ଯୁବତୀ ସାନ୍ତାକ୍ଲୁଜ ବେଶରେ ନାଚଗୀତ ସହ କୋରାପୁଟ ସହର ପରିକ୍ରମା କରି ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଆଗମନର ବାର୍ତ୍ତା ଦେଇଥିଲେ। ସେହିପରି ଜୟପୁର, ସୁନାବେଡା, ସେମିଲିଗୁଡା, ଡୁମୁରିପୁଟରେ ମଧ ପ୍ରାକ୍ ଖ୍ରୀଷ୍ଟମାସ ପାଳନ ଆରମ୍ଭ ହୋଇଛି। ପ୍ରତ୍ୟେକ ଦିନ ଚର୍ଚ୍ଚ ଗୁଡିକରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯାଉଥିବାବେଳେ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜିତ ହେଉଛି।



ନବରଙ୍ଗପୁର ଜିଲ୍ଲାସ୍ତରୀୟ ବିଜ୍ଞାନ ଓ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ

## ବ୍ଲକ୍‌ସ୍ତରୀୟ ମୌଳିକ ସାକ୍ଷରତା ବୈଠକ

କୋରାପୁଟ,୧୬।୧୨(ସମିସ): ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ଭୁବନେଶ୍ୱରର ନିର୍ଦ୍ଦେଶ କ୍ରମେ ଆଜି କୋରାପୁଟ ଶିକ୍ଷା ବ୍ଲକସ୍ତରୀୟ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଆଧାରିତ ସମୀକ୍ଷା ବୈଠକ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି।ଏହି ସମୀକ୍ଷା ବୈଠକର ମୁଖ୍ୟ ଆଲୋଚନାର ବିନ୍ଦୁଗୁଡ଼ିକ ଥିଲା ପଢ଼ିବା, ଗଢ଼ିବା ଓଡ଼ିଶା,ଶ୍ରେଣୀଗୃହ ନିରୀକ୍ଷଣ,ଶିକ୍ଷଣ ସୋପାନ,ନିପୁଣ ବିଦ୍ୟାଳୟ ଏବଂ ମାସିକ କ୍ଲଷ୍ଟର ବୈଠକ।ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତଥା କୋରାପୁଟ ମଣ୍ଡଳ ଶିକ୍ଷା ଅଧିକାରୀ ଜଗନ୍ନାଥ ଭତ୍ରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସମ୍ମାନିତ ଅତିଥି ରୂପେ ଗୁଣାତ୍ମକ ଶିକ୍ଷା ସଂଯୋଜକ ଚନ୍ଦ୍ରକଳା ବଗର୍ତ୍ତି ଯୋଗ ଦେଇଥିଲେ।ବ୍ଲକର ସମସ୍ତ ସିଆରସିସି ଏବଂ କାର୍ଯ୍ୟାଳୟର କର୍ମଚାରୀ ସମୂହ ଏହି ବୈଠକରେ ଯୋଗଦେଇଥିବା ବେଳେ ଏବିଇଓ ସଂଯୁକ୍ତା କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ।"




ଜୟପୁରରେ 'ରାହାଗିରି' କାର୍ଯ୍ୟକ୍ରମ

